بسم الله الرحمٰن الرحيم

**ଖୁତ୍‌ବା ଜୁମା ୩୦ ଏପ୍ରିଲ୍ ୨୦୨୧ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ପବିତ୍ର ରମ୍‌ଜ୍ୱାନୁଲ୍ ମୁବାରକ୍ ମାସର ଶେଷ ଦଶ ଦିନରେ ବିଶେଷ କରି ଦୁରୁଦ୍ ଶରୀଫ୍, ତୌବା ଏବଂ ଇସ୍ତେଗ୍‌ଫାର୍‌ର ମହତ୍ତ୍ୱର ବର୍ଣ୍ଣନା କରି ସେଥିପ୍ରତି ମନଯୋଗ କରିବା ପାଇଁ ଆହ୍ୱାନ ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ଅଲ୍ଲାଃତାଲାଙ୍କ କୃପାରୁ ଆଜିକାଲି ଆମେମାନେ ପବିତ୍ର ରମଜ଼ାନ୍ ମାସ ଦେଇ ଗତି କରୁଛେ ଏବଂ ଶେଷ ଦଶ ଦିନରେ ପ୍ରବେଶ କରିବାକୁ ଯାଉଛେ । ଏହି ଶେଷ ଦଶ ଦିନ ସଂପର୍କରେ ଆଁହଜ଼ରତ  ସ.ଅ କହିଛନ୍ତି ଯେ, ଅଲ୍ଲାଃତାଲା ଶେଷ ଦଶ ଦିନରେ ଶୁଦ୍ଧ ପୁତମାନଙ୍କୁ ନର୍କାଗ୍ନୀ ଠାରୁ ମୁକ୍ତି ପ୍ରଦାନ କରି ଥାଆନ୍ତି । ଅତଏବ ଆମମାନଙ୍କୁ ଏହି ଦିନରେ ବିଶେଷ ରୂପେ ନିଜର ଉପାସନାକୁ ସୁନ୍ଦର ଓ ସୁସଜ୍ଜିତ କରିବା, ଦୁରୁଦ୍ ଶରୀଫ୍ ଜପ କରିବା, ତୌବା ଇସ୍ତେଗଫାର୍ (କ୍ଷମା ଯାଚନା କରିବା) କରିବା ଏବଂ ସେହିପରି ଭକ୍ତମାନଙ୍କର ଅଧିକାରକୁ ସମ୍ପାଦନ କରିବା ପାଇଁ ଅଧିକରୁ ଅଧିକ ଧ୍ୟାନ ଦେବା ଉଚିତ । ପବିତ୍ର ରମଜ଼ାନ ମାସର ଶେଷ ଦଶ ଦିନରେ ଆଁହଜ଼ରତ ଏତେ ପ୍ରୟାସୀ ହେଉଥିଲେ ଯେ, ଆଁହଜ଼ରତ ସ.ଅ ଅନ୍ୟ ଦିନମାନଙ୍କରେ ସେପରି କରୁ ନଥିଲେ । ଆଁହଜ଼ରତ ସ.ଅ ବିଶ୍ୱାକାରୀମାନଙ୍କ ପାଇଁ ସର୍ବୋଚ୍ଚ ଆଦର୍ଶ ଅଟନ୍ତି । ଅତଏବ ଆମମାନଙ୍କୁ ନିଜର ପ୍ରଚେଷ୍ଟାନୁଯାୟୀ ଏହି ସର୍ବୋଚ୍ଚ ସ୍ତର ତଥା ଆଦର୍ଶ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଚେଷ୍ଟା କରିବା ଉଚିତ । ଆମମାନଙ୍କ ପକ୍ଷେ ଏହା ଉଚିତ ହେବ ଯେ, ଆମେମାନେ ଏହି ଦିନମାନଙ୍କରେ ଦୁଆ ପ୍ରତି ସର୍ବାଧିକ ପ୍ରୟାସ କରିବା ଉଚିତ । ବିଶେଷ କରି ଅହେମଦିମାନଙ୍କୁ ଏଥିପ୍ରତି ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ପାକିସ୍ତାନରେ ଏବଂ ଅନ୍ୟ ଇସ୍‌ଲାମୀୟ ରାଷ୍ଟ୍ରମାନଙ୍କରରେ ମଧ୍ୟ ଜମାଅତ୍ ବିରୁଦ୍ଧରେ ଷଡ଼ଯନ୍ତ୍ର ଓ ଅପଚେଷ୍ଟା ଚାଲିଛି । ଅଲ୍ଲାଃତାଲା ଶତ୍ରୁର ଏହି ସମସ୍ତ ଅପଚେଷ୍ଟା ଠାରୁ ଆମମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ। ସେହିପରି ଏହି ଭୂତାଣୁ ଜନିତ ମହାମାରୀ ରୋଗ ଯାହାକି ଦ୍ରୁତ ଗତିରେ ନିଜର କାୟା ବିସ୍ତାର କରି ଚାଲିଛି, ତହିଁରୁ ମଧ୍ୟ ଅଲ୍ଲାଃତାଲା ଆମମାନଙ୍କୁ ସୁରକ୍ଷିତ ରଖନ୍ତୁ ।

ଆମମାନଙ୍କର ଏହି ସୌଭାଗ୍ୟ ଯେ, ଅଲ୍ଲାଃତାଲା ଆମମାନଙ୍କୁ ଆଁହଜ଼ରତ ସ.ଅ ଓ ହ. ମସିହ ମଉଦ ଅ.ସଙ୍କ ମାଧ୍ୟମରେ ଦୁଆ କରିବାର ଶୈଳୀ ସଂପର୍କରେ ସଠିକ୍ ଶିକ୍ଷା ପ୍ରଦନା କରିଛନ୍ତି । ଅତଏବ ଅଲ୍ଲାଃତାଲାଙ୍କ ପ୍ରଶଂସା ତଥା ମହିମା ଗାନ ସହିତ ଆଁହଜରତ ସ.ଅଙ୍କ ଉପରେ ଦୁରୁଦ୍ ଶରୀଫ୍ ପ୍ରେରଣ କରିବା ନିତ୍ୟାନ୍ତ ଆବଶ୍ୟକ । ଅନ୍ୟଥା ଦୁଆ ଆକାଶ ଏବଂ ପାତାଳ ମଧ୍ୟରେ ଅଟକି ଯୋଇଥାଏ । ହୁଜୁର ସ.ଅ କହିଲେ ଯେ, ମୋ ଉପରେ ଦୁରୁଦ୍ ଶରୀଫ୍ ପ୍ରେରଣ କରୁଥାଅ, ତୁମମାନଙ୍କର ମୋ ଉପରେ ଦୁରୁଦ ପ୍ରେରଣ କରିବା ସ୍ୱୟଂ ତୁମମାନଙ୍କର ପବିତ୍ରତା ଏବଂ ବିକାଶର ମାଧ୍ୟମ ସାବ୍ୟସ୍ତ ହୋଇଥାଏ । ଯେଉଁ ବ୍ୟକ୍ତି ନିଷ୍ପାପର ହୃଦୟ ରଖି ମୋ ଉପରେ ଦୁରୁଦ୍ ପ୍ରେରଣ କରିବ, ଅଲ୍ଲାଃତାଲା ସେହି ବ୍ୟକ୍ତି ଉପରେ ଦଶ ଥର ଦୁରୁଦ୍ ଶରୀଫ୍ ପ୍ରେରଣ କରିବେ ।

ଆମେମାନେ ଏହି କଥାର ଯେଉଁ ଦାବି ଉପସ୍ଥାପନ କରୁଛେ ଯେ, ଆମେମାନେ ହ. ମସିହ ମଉଦ ଅ.ସଙ୍କ ମାଧ୍ୟମରେ ଆଁହଜ଼ରତ ସ.ଅଙ୍କର ମର୍ଯ୍ୟାଦା ଏବଂ ମହତ୍ୱକୁ ବୃଦ୍ଧି କରିବୁ । ଅତଏବ ଆମମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ଦୁରୁଦ୍‌ର ମହତ୍ୱକୁ ଉପଲବ୍ଧି କରିବା ଉଚିତ ଏବଂ କେବଳ ଏଥି ସକାଶେ ଦରୁଦ୍ ଶରୀଫ୍ ନପଢନ୍ତୁ ଯେ, ଏହିପରି

ଭାବରେ ଅଲ୍ଲାଃତାଲା ଆମମାନଙ୍କର ଦୁଆକୁ ଶୁଣି ଥାଆନ୍ତି । ତାହା ନୁହଁ ବରଂ ଏଇଥି ପାଇଁ ଯେ, ସାର୍ବକାଳୀକ ପବିତ୍ରତା ଆମମାନଙ୍କର ଜୀବନର ଅଭିନ୍ନ ଅଙ୍ଗ ପାଲଟି ଯାଉ । ହ. ମସିହ ମଉଦ୍ ଅ.ସ ନିଜର ଐଶୀବାଣୀ **ସଲ୍ଲି ଅଲା ମୁହମ୍ମଦିଉଁ ୱ ଆଲି ମୁହମ୍ମଦିନ୍ ସୟିଦିନ୍ ୱୁଲିଦା ଆଦମା ୱ ଖାତମନ୍ ନବୀୟିନ୍**ର ଚର୍ଚ୍ଚା କରି କହନ୍ତି: ଏହା ଏହି କଥା ଆଡ଼କୁ ଇଙ୍ଗିତ କରେ ଯେ, ବିଶ୍ୱ ବ୍ରହ୍ମାଣ୍ଡର ଅଧିପତି ଈଶ୍ୱରଙ୍କ ସମ୍ମୁଖରେ କିଭଳି ତାଙ୍କର ଉଚ୍ଚ ମର୍ଯ୍ୟାଦା ରହିଛି ଯେ, ସମସ୍ତ ପ୍ରକାରର ଉଚ୍ଚ ଆସନ, ଗୌରବ ଓ ପୁରସ୍କାର ତାଙ୍କ ସହ ପ୍ରିତୀ ସମ୍ପର୍କ ଯୋଡ଼ିବା ଦ୍ୱାରା ହାସଲ ହୋଇଥାଏ । ପବିତ୍ର ଓ ଧନ୍ୟ ସେ ପ୍ରଭୁ ! ଯାହାଙ୍କ ନିକଟରେ ତାଙ୍କର କି ବଡ଼ିମା, ତାଙ୍କର ପ୍ରେମୀ ପ୍ରଭୁଙ୍କ ପ୍ରେମୀ ପାଲଟି ଯାଇଥାଏ ଏବଂ ତାଙ୍କର ସେବକ ସମଗ୍ର ସଂସାରର ମାର୍ଗଦର୍ଶକ ପାଲଟି ଯାଇଥାଏ । ଆଁହଜ଼ରତ ସ.ଅଙ୍କ ସେବକ ହ. ମସିହ ମଉଦ ସ.ଅ ଅଲ୍ଲାଃତାଲାଙ୍କ ପ୍ରିୟ ଆଁହଜରତ ସ.ଅଙ୍କ କାର୍ଯ୍ୟକୁ ପ୍ରସାରିତ କରିବା ପାଇଁ ପ୍ରେରିତ ହୋଇଛନ୍ତି । ଅତଏବ ଆଜି ସମଗ୍ର ପୃଥିବୀରେ ହଜ଼ରତ ମସିହ ମଉଦ ଅ.ସଙ୍କର ଯେଉଁ ମର୍ଯ୍ୟାଦି ରହିଛି ତାହା କେବଳ ଆଁହଜ଼ରତ ସ.ଅଙ୍କ ଅନୁଗାମୀ ଓ ଦାସତ୍ୱ ଯୋଗୁଁ ହିଁ ସମ୍ଭବପର ହୋଇ ପାରିଛି । ହ. ମସିହ ମଉଦ ଅ.ସ କହନ୍ତି ଯେ, ଏକଦା ରାତ୍ର ସମୟରେ ଏହି ବିନୀତ ଏତେ ମାତ୍ରାରେ ଆଁହଜ଼ରତ ସ.ଅଙ୍କ ଉପରେ ଦୁରୁଦ୍ ପ୍ରେରଣ କଲେ ଯେ, ଏହି ବିନୀତିର ହୃଦୟ ଏବଂ ଆତ୍ମା ସୁବାଶିତ ଓ ସୁଗନ୍ଧିତ ହୋଇ ଉଠିଲା । ସେହି ରାତ୍ରରେ ସ୍ୱପ୍ନରେ ହ. ମସିହ ମଉଦ ଅ.ସ ଦେଖିଲେ ଯେ, ଦେବଦୂତମାନେ ଆଲୋକର ଥଳୀ ଧରି ଏହି ବିନୀତ ଘରକୁ ଆଗମନ କରିଛନ୍ତି ଏବଂ ତନ୍ମଧ୍ୟରୁ ଜଣେ କହିଲା: ଏହା ହେଉଛି ସେହି କଲ୍ୟାଣ ଓ ପ୍ରତିଫଳ ଯାହା ତୁମେ ହ. ମୁହମ୍ମଦ ସ.ଅଙ୍କ ଉପରେ ପ୍ରେରଣ କରିଥିଲ ।

ଆମେମାନେ ସେହି ମସିହ ଏବଂ ମେହଦୀଙ୍କୁ ଗ୍ରହଣକାରୀ ଅଟୁ ଯେଉଁ ମସିହ ଏବଂ ମେହଦୀଙ୍କ ସଂପର୍କରେ ଆକାଶଲୋକରେ ଦେବଦୂତମାନେ ମଧ୍ୟ କହିଥିଲେ ଯେ, **ହାଜ଼ା ରଜୁଲୁନ୍ ୟୁହିବ୍‌ବୁ ରସୁଲୁଲ୍ଲାଃ** । ହୁଜୁର ଅ.ସ କହନ୍ତି ଯେ, ଦେବଦୂତମାନଙ୍କର ଏହି କଥନରୁ ଏହା ଯଥାର୍ଥ ଥିଲା ଯେ, ସର୍ବବୃହତ୍ ସର୍ତ୍ତ ଏହି ଶପଥ ଅର୍ଥାତ **'ମୁହୟୀ'** ରସୁଲୁଲ୍ଲାଃ ସ.ଅଙ୍କ ପ୍ରେମ ଅଟେ । ଅତଏବ ଆମେମାନେ ସେହି ମୁହୟୀଙ୍କ ମିଶନକୁ ଆଗକୁ ବଢାଇବା ପାଇଁ ଶପଥ ନେଇଛେ । କ'ଣ ଆମମାନଙ୍କର ଏହା କର୍ତ୍ତବ୍ୟ ନୁହେଁ ଯେ, ଆମେମାନେ ଆଁହଜରତ ସ.ଅଙ୍କ ଉପରେ ଦୁରଦ୍ ଶରୀଫ୍ ପ୍ରେରଣ କରିବା ତଥା ଶାନ୍ତି ଅବତୀର୍ଣ୍ଣ ହେବା ନିମନ୍ତେ ଦୁରୁଦ୍ ଶରୀଫ୍ ପ୍ରେରଣ କରି ସେହି ମସିହ ଏବଂ ମେହଦୀଙ୍କ ସହାୟକ ହେବା ? ଆମ ଅହେମଦିମାନଙ୍କ କାନ୍ଧ ଉପରେ ଏହି ଗୁରୁଦାୟୀତ୍ୱଟି ରହିଛି ଯେ, ଆମେମାନେ ଯଦି ପ୍ରଳୟ ଦିବସ ପର୍ଯ୍ୟନ୍ତ ସେହି ପୁରସ୍କାର ଏବଂ କୃପାର ଅଧିକାରୀ ହେବାର ଇଚ୍ଛୁକ, ତାହାହେଲେ ଆମେମାନେ ଆଁହଜ଼ରତ ସ.ଅଙ୍କ ଉପରେ ଅନବରତ ଭାବରେ ଦୁରଦ୍ ଶରୀଫ୍ ପ୍ରେରଣ କରି ଚାଲିବା ଉଚିତ । ଯଦ୍ୱାରା ଆମେମମାନେ ଏହା ଅବଲୋକନ କରି ପାରିବା ଯେ, ଅଲ୍ଲାଃତାଲା କିପରି ନିଜ କୃପାରୁ ଶତ୍ରୁମାନଙ୍କର ଉଦ୍ୟମ ଏବଂ କୁମନ୍ତ୍ରଣାକୁ ପଣ୍ଡ କରିଦେବେ ।

ହ. ମୁସଲେହ୍ ମଉଦ୍ ର.ଅ କହନ୍ତି '**ସଲାତ୍**'ର ଅର୍ଥ ଦୁଆ କରିବା ଅଟେ । ଅତଏବ **ଅଲ୍ଲାଃହୁମ୍ମା ସଲ୍ଲି ଅଲା**ର ଅର୍ଥ ହେଲା ଯେ, ହେ ଅଲ୍ଲାଃ ! ତୁମ୍ଭେ ରସୁଲ୍ କରୀମ୍ ସ.ଅଙ୍କ ପାଇଁ ଦୁଆ କର । ଆମେମାନେ ଯେତେବେଳେ ଅଲ୍ଲାଃତାଲାଙ୍କ ସଂପର୍କରେ କହୁ ଯେ, ସେ ଦୁଆ ସ୍ୱୀକାର କରନ୍ତି । ସେତେବେଳେ ଏହାର ଅର୍ଥ ଏହିକି ଯେ, ସେ ନିଜର ପ୍ରାଣୀଜଗତ ଏବଂ ସୃଷ୍ଟଜ ସମସ୍ତ ବସ୍ତୁକୁ କହନ୍ତି ଯେ, ମୋ ଭକ୍ତଙ୍କର ସମର୍ଥନ କର । ଅତଏବ **ଅଲ୍ଲାଃହୁମ୍ମା ସଲ୍ଲି ଅଲା**ର ଅର୍ଥ ଏହା ଯେ, ହେ ଅଲ୍ଲାଃ ! ତୁମ୍ଭେ ପ୍ରତ୍ୟେକ ପୁଣ୍ୟ ଏବଂ କଲ୍ୟାଣ ରସୁଲୁଲ୍ଲାଃ ସ.ଅଙ୍କ ସକାଶେ ଚାହଁ । **ଅଲ୍ଲଃହୁମ୍ମା ବାରିକ**ର ଏହା ଅର୍ଥ ଯେ, ହେ ଅଲ୍ଲାଃ ତୁମ୍ଭେ ନବୀ କରୀମ୍ ସ.ଅଙ୍କ ପାଇଁ କୃପା, ଦୟା ଏବଂ ପୁରସ୍କାରକୁ ଏତେ ମାତ୍ରାରେ ବୃଦ୍ଧି କର ଯେ, ସକଳ ଜଗତର କୃପା, ଦୟା ଏବଂ କଲ୍ୟାଣ ଆଁହଜ଼ରତ ସ.ଅଙ୍କ ସକାଶେ ଏକତ୍ରିତ ହୋଇଯାଉ ।

ଅତଏବ ଆମେମାନେ ଯେତେବେଳେ ହୃଦୟରେ ବେଦନା ପ୍ରତିପୋଷଣ କରି ଆଁହଜ଼ରତ ସ.ଅଙ୍କ ଧର୍ମର ଉତ୍ଥାନ ପାଇଁ ଦୁଆ କରିବା ସେତେବେଳେ ଅଲ୍ଲାଃତାଲା ମଧ୍ୟ ଆମମାନଙ୍କୁ ମଧ୍ୟ ସେହି ଦୁଆ ଏବଂ ଦୁରୁଦ୍ ଦ୍ୱାରା ଉପକୃତ କରାଇବେ । କିନ୍ତୁ ସର୍ତ୍ତ ଏହା ରହିଛି ଯେ, ଆଁହଜ଼ରତ ସ.ଅଙ୍କର ଶିକ୍ଷା ଉପରେ ଆମେମାନେ ପରିଚାଳିତ ହେବା ଉଚିତ, ଅଲ୍ଲାଃତାଲାଙ୍କର କର୍ତ୍ତବ୍ୟ ଓ ଭକ୍ତମାନଙ୍କର କର୍ତ୍ତବ୍ୟ ସମ୍ପାଦନ ପ୍ରତି ଆମମାନଙ୍କର ଧ୍ୟାନ ରହିଥିବା ଉଚିତ । ପ୍ରକୃତ **ଆଲ୍**

(ପରିବାର)ର କର୍ତ୍ତବ୍ୟ ସମ୍ପାଦନକାରୀ ହେବୁ । ଏହା ନୁହେଁ ଯେ, ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହକଙ୍କ ନାମରେ ଅତ୍ୟାଚାର କରିବୁ । ଆଇନ ଉଲଂଘନ କରି, ରାସ୍ତାକୁ ବନ୍ଦ କରିଦେବା ଏପର୍ଯ୍ୟନ୍ତକି ରୋଗୀ ଚିକତ୍ସାଳୟ ପର୍ଯ୍ୟନ୍ତ ପହଞ୍ଚି ନପାରିବ ଏବଂ ପୁନଶ୍ଚ ଦୁରୁଦ୍ ଶରୀଫ୍ ପଢିବା ପରେ କହିବା ଯେ, ଆମେମାନେ ରସୁଲ୍ ପ୍ରେମୀ ଅଟୁ । ତେଣୁ ଆମମାନଙ୍କୁ କିଛି କୁହା ନଯାଉ । ତେବେ ଏହି ସମସ୍ତ କଥାଗୁଡ଼ିକ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହକଙ୍କ ଆଦେଶର ଖୋଲାଖୋଲି ଉଲଂଘନ କରିବା ଯାହାକି ଯୁକ୍ତିଯୁକ୍ତ ନୁହେଁ ।

ଦୁରୁଦ୍ ଶରୀଫର ଗୁରୁତ୍ୱ ଏବଂ ପ୍ରାସଙ୍ଗିକତା ଏହି କଥାରୁ ପ୍ରମାଣିତ ହୋଇଯାଏ ଯେ, ପବିତ୍ର କୁରଆନ ଶରୀଫରେ ବିଶ୍ୱାକାରୀଙ୍କୁ କୁହାଯାଇଛି ଯେ, ନବୀ କରୀମ୍ ସ.ଅଙ୍କ ଉପରେ ଦୁରଦ୍ ଶରୀଫ୍ ପ୍ରେରଣ କରୁଥାଅ ! ଦୁରୁଦ୍ ଶରୀଫର ଏତେ ମହତ୍ୱ ରହିଛି ଯେ ଅଲ୍ଲାଃତାଲା ଓ ଦେବଦୂତମାନେ ମଧ୍ୟ ନବୀ କରୀମ୍ ସ.ଅଙ୍କ ଉପରେ ଦୁରୁଦ୍ ଶରୀଫ୍ ପ୍ରେରଣ କରି ଥାଅନ୍ତି । (ସୁରତୁଲ୍ ଅହଜ଼ାବ୍: ୫୭) ହ. ମସିହ ମଉଦ୍ ଅ.ସ ଏହି ପ୍ରସଙ୍ଗରେ ଅଧିକ ବ୍ୟଖ୍ୟା କରି କହନ୍ତି ଯେ, ଉକ୍ତ ଆୟତରୁ ଏହା ସ୍ପଷ୍ଟ ହୁଏ ଯେ, ରସୁଲୁଲ୍ଲାଃ ସ.ଅଙ୍କର କର୍ମ ଏପରି ଥିଲା ଯେ, ଅଲ୍ଲାଃତାଲା ଆଁହଜ଼ରତ ସ.ଅଙ୍କର ପ୍ରଶଂସା କିମ୍ବା ଗୁଣାବଳୀକୁ ସୀମାବଦ୍ଧ କରିବା ପାଇଁ କୌଣସି ବିଶେଷ ଶବ୍ଦ ବର୍ଣ୍ଣନା କଲେ ନାହିଁ । ଅର୍ଥାତ ଆଁହଜ଼ରତ ସ.ଅଙ୍କ ସୁକର୍ମ ପ୍ରଶଂସା ଗାନର ସୀମାବଦ୍ଧ ଠାରୁ ବହିର୍ଭୂତ ଥିଲା । ଅଲ୍ଲାଃତାଲା ଅନ୍ୟ କୌଣସି ନବୀ ପାଇଁ ଏହି ପ୍ରକାରର ଶବ୍ଦର ପ୍ରୟୋଗ କଲେ ନାହିଁ । ଆଁହଜ଼ରତ ସ.ଅଙ୍କ ସ୍ୱଭାବରେ ସେହି ସତ୍ୟତା ଏବଂ ପବିତ୍ରତା ରହିଥିଲା ଏବଂ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ଆଁହଜ଼ରତ ସ.ଅଙ୍କର କର୍ମ ଏତେ ପ୍ରିୟ ଥିଲା କି ଅଲ୍ଲାଃତାଲା ସଦା ସର୍ବଦା ପାଇଁ ଏହି ଆଦେଶ ପ୍ରଣୟନ କରିଦେଲେ ଯେ, ଆଗାମୀ ଭବିଷ୍ୟତ ପାଇଁ ଲୋକମାନେ କୃତଜ୍ଞତା ଜ୍ଞାପନ ସକାସେ ଆଁହଜ଼ରତ ସ.ଅଙ୍କ ପାଇଁ ଦୁରୁଦ୍ ପ୍ରେରଣ କରିବେ । ଅଲ୍ଲାଃତାଲା ଏହି ପବିତ୍ର ରମଜ଼ାନ ମାସରେ ମଧ୍ୟ ଏବଂ ପରବର୍ତ୍ତୀ ସମୟରେ ମଧ୍ୟ ଆମମାନଙ୍କୁ ସର୍ବଦା ଦୁରୁଦ୍ ଶରୀଫର ମହତ୍ୱକୁ ହୃଦୟଙ୍ଗମ କରି ଆଁହଜରତ ସ.ଅଙ୍କ ଉପରେ ଦୁରୁଦ୍ ଶରୀଫ୍ ପ୍ରେରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଦ୍ୱିତୀୟ କଥା ଯାହାପ୍ରତି ମୁଁ ବର୍ତ୍ତମାନ ଆପଣମାନଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛି ତାହା ହେଲା: ଇସ୍ତେଗ୍‌ଫାର । ଅର୍ଥାତ **ଅସ୍ତଗ୍‌ଫିରୁଲ୍ଲାଃହା ରବ୍‌ବି ମିନ୍ କୁଲି ଜନ୍‌ବିଉଁ ଓ ଅତୁବୁ ଇଲୈହି** । ଅର୍ଥାତ ମୁଁ ସକଳ ପାପ ଠାରୁ ଅଲ୍ଲାଃତାଲାଙ୍କ କ୍ଷମା ଯାଚନା କରୁଛି, ଯିଏ ମୋର ପାଳନକର୍ତ୍ତା ଏବଂ ମୁଁ ତାଙ୍କ ଆଡ଼କୁ ତୌବା କରି ଆନତ ହେଉଅଛି, ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦୁଆ ଅଟେ । ଏ ସଂକ୍ରାନ୍ତରେ ହ. ମସିହ ମଉଦ ଅ.ସ କହନ୍ତି ଯେ, "ଇସ୍ତେଗ୍‌ଫାର୍‌ର ପ୍ରକୃତ ଏବଂ ବାସ୍ତବ ଅର୍ଥ ଏହା ଯେ, ଅଲ୍ଲାଃତାଲାଙ୍କ ନିକଟରେ ଗୁହାରି କରିବା ଯେ, ମାନବ ସ୍ୱଭାବର କୌଣସି ଦୁର୍ବଳତା ଯେପରି ପ୍ରକାଶ୍ୟ ନହେଉ ଏବଂ ଅଲ୍ଲାଃତାଲା, ସ୍ୱଭାବର ସେହି ଦୁର୍ବଳତାକୁ ସାମର୍ଥ୍ୟ ରୂପକ ସାହାରା ପ୍ରଦାନ କରନ୍ତୁ । **ଇସ୍ତେଗ୍‌ଫାର୍** ଶବ୍ଦଟି ଆରବୀ ଶବ୍ଦ **ଗଫରାରୁ** ଆନୀତ । ଏହାର ଅର୍ଥ ଘୋଡାଇବା ଅଟେ । ଅତଏବ ଏହାର ଅର୍ଥ ଏହିକି ଯେ, ଅଲ୍ଲାଃତାଲା ନିଜର ସକଳ ଶକ୍ତି ସହିତ କ୍ଷମା ଯାଚନା କରିଥିବା ବ୍ୟକ୍ତିର ସ୍ୱାଭାବିକ ଦୁର୍ବଳତାକୁ ଘୋଡ଼ାଇ ନିଅନ୍ତୁ । କିନ୍ତୁ ପ୍ରକୃତ ଏବଂ ବାସ୍ତବିକ ଅର୍ଥ ଏହା ହିଁ ଯେ, ପ୍ରଭୁ ନିଜ ଈଶ୍ୱରତ୍ୱର ଶକ୍ତି ସହିତ କ୍ଷମା ଯାଚନାକାରୀ ବ୍ୟକ୍ତିକୁ ତା'ର ସ୍ୱଭାବୀୟ ଦୁର୍ବଳତା ଠାରୁ ରକ୍ଷା କରିବେ ଏବଂ ନିଜର ଶକ୍ତି ଦ୍ୱାରା ତାହାକୁ ଶକ୍ତି ପ୍ରଦାନ କରିବେ ଏବଂ ନିଜର ଅଲୌକିକ ଜ୍ଞାନ ଦ୍ୱାରା ସେହି ବ୍ୟକ୍ତିକୁ ଜ୍ଞାନ ପ୍ରଦାନ କରିବେ । ସେହିପରି ନିଜର ଆଲୋକ ଦ୍ୱାରା ଆଲୋକ ପ୍ରଦାନ କରିବେ । କାରଣ ଅଲ୍ଲାଃତାଲା ମନୁଷ୍ୟକୁ ସୃଷ୍ଟି କରି ତା' ଠାରୁ ପୃଥକ ହୋଇ ନାହାନ୍ତି । ବରଂ ସେ ଯେପରି ମନୁଷ୍ୟର ସ୍ରଷ୍ଟା ସେହିପରି ମନୁଷ୍ୟର **କୟୁ୍ୟମ୍** (ସ୍ଥାୟୀତ୍ୱ ପ୍ରଦାନକାରୀ) ମଧ୍ୟ ଅଟନ୍ତି । ଅର୍ଥାତ ନିଜ ସାହାରା ମାଧ୍ୟମରେ (ପ୍ରାଣୀମାନଙ୍କୁ) ସ୍ଥାୟୀତ୍ୱ ଓ ସୁରକ୍ଷା ପ୍ରଦାନକାରୀ ଅଟନ୍ତି ।

ଇସ୍ତେଗ୍‌ଫାର ସଂପର୍କରେ ଅଲ୍ଲାଃତାଲା ପବିତ୍ର କୁରଆନ କରୀମରେ ଇଙ୍ଗିତ କରିଛନ୍ତି ଯେ, **ଅଲ୍ଲାଃହୁ ଲା ଇଲାହା ଇଲ୍ଲା ହୁ ଅଲ୍ ହୟ୍ୟୁଲ୍ କୟୁ୍ୟମ୍** । *ଅର୍ଥାତ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ, ସେ ଚିରଞ୍ଜୀବୀ ଓ ସେ ସ୍ୱୟଂ ପ୍ରତିଷ୍ଠିତ ଓ ସମସ୍ତଙ୍କର ପ୍ରତିଷ୍ଠାତା* । ଅତଏବ ମନୁଷ୍ୟ ଯେତେବେଳେ ଜନ୍ମଲାଭ କଲା ସେତେବେଳେ ଈଶ୍ୱରଙ୍କର କାର୍ଯ୍ୟ ତ' ଅବଶ୍ୟ ସମାପ୍ତ ହୋଇଗଲା । କିନ୍ତୁ ଚିରଞ୍ଜୀବୀତ୍ୱର କାର୍ଯ୍ୟ ସର୍ବଦା ପାଇଁ ଅବ୍ୟାହତ ରହିଛି । ଅତଏବ

ସାର୍ବକାଳୀକ ଇସ୍ତେଗ୍‌ଫାର (କ୍ଷମା ଯାଚନା)ର ଆବଶ୍ୟକତା ପଡ଼ିଲା ଯେ, ତୁମ୍ଭର ସ୍ଥାୟୀତ୍ୱ ପାଳନକାରୀ ଗୁଣ ଆମର ସହାୟ ହେଉ ଯଦ୍ୱାରା ଆମେ ପଥଭ୍ରଷ୍ଟ ହେବାରୁ ରକ୍ଷା ପାଇଛୁ । ଏଥିପ୍ରତି ପବିତ୍ର କୁରଆନର ପଙ୍‌କ୍ତି **ଇୟାକା ନାବୁଦୁ ଓ ଇୟାକା ନସ୍ତଇନ୍‌**ରେ ଇଙ୍ଗିତ ରହିଛି ।

ଆଜିକାଲି ଅନେକ ଯୁବବର୍ଗ ଏବଂ ପିଲାମାନେ ଏହି ପ୍ରଶ୍ନ କରନ୍ତି ଯେ, ଅଲ୍ଲାଃତାଲା କେଉଁ ପର୍ଯ୍ୟନ୍ତ କ୍ଷମା ପ୍ରଦାନ କରି ପାରନ୍ତି ? ଅତଏବ ଉକ୍ତ କଥାର ବ୍ୟାଖ୍ୟ ଏହି ହଦିସ୍‌ରୁ ମଧ୍ୟ ସ୍ପଷ୍ଟ ହୋଇଯାଏ ଯେ, ଅଲ୍ଲାଃତାଲା କହନ୍ତି ମୁଁ କ୍ଷମା ଭିକ୍ଷା କରିବାକୁ ସ୍ୱୀକୃତୀ ପ୍ରଦାନ କରିଥାଏ ଏବଂ ମୋର ଦୟା ସର୍ବତ୍ର ବିସ୍ତୃତ ଅଟେ । ତେଣୁ ଅଲ୍ଲାଃତାଲା ଅସୀମ ଓ ଅପାର ଦୟାମୟ । କିନ୍ତୁ ସର୍ତ୍ତ ଏହିକି ଯେ, ମନୁଷ୍ୟ ଯଦି ପ୍ରକୃତ ଓ ପବିତ୍ର ହୃଦୟ ହୋଇ କ୍ଷମା ଯାଚନାକାରୀ ହୁଏ ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ କ୍ଷମା ପ୍ରଦାନ କରନ୍ତି । ଏକ ବର୍ଣ୍ଣନାରେ ଆଁହଜ୍‌ରତ ସ.ଅ କହିଲେ ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଅଲ୍ଲାଃତାଲା ନିଜ ଭକ୍ତର କ୍ଷମା ଯାଚନାରେ ଏତେ ପ୍ରସନ୍ନ ହୁଅନ୍ତି ଯେପରି ଜଣେ ବ୍ୟକ୍ତିର ଓଟ କୌଣସି ମରୁଭୂମିରେ ହଜିଯାଏ ଏବଂ ଯେତେବେଳେ ସେହି ଓଟଟି ସେହି ବ୍ୟକ୍ତିକୁ ମିଳିଯାଏ ସେତେବେଳେ ସେହି ବ୍ୟକ୍ତି କେତେ ଆନନ୍ଦିତ ହୋଇଥାଏ । ଅତଏବ ଅଲ୍ଲାଃତାଲାଙ୍କ ଆଡ଼କୁ ଅଗ୍ରସର ହେଉଥିବା ବ୍ୟକ୍ତି ଆଡ଼କୁ ଅଲ୍ଲାଃତାଲା ମଧ୍ୟ ଅଗ୍ରସର ହୋଇ ଥାଆନ୍ତି । ଆଁହଜ୍‌ରତ ସ.ଅ କହିଲେ ଯେ, ଅଲ୍ଲାଃତାଲା କହନ୍ତି ଯେ, ଯଦି କୌଣସି ବ୍ୟକ୍ତି ମୋ ନିକଟକୁ ଚାଖଣ୍ଡେ ଆସେ, ତେବେ ମୁଁ ସେହି ବ୍ୟକ୍ତି ଆଡ଼କୁ ଦୁଇ ଚାଖଣ୍ଡ ଆସିଥାଏ । ସେହିପରି ଯେଉଁ ବ୍ୟକ୍ତି ମୋ ନିକଟକୁ ହାତେ ଅଗ୍ରସର ହୁଏ ମୁଁ ସେହି ବ୍ୟକ୍ତି ଆଡ଼କୁ ଦୁଇ ହାତ କିମ୍ବା ତତୁର୍ଦ୍ଧ୍ୱ ନିକଟବର୍ତ୍ତୀ ହୋଇଥାଏ । ଯଦି ସେ ମୋ ଆଡ଼କୁ ଚାଲି କରି ଆସେ ମୁଁ ତା' ଆଡ଼କୁ ଦଉଡ଼ି କରି ଯାଇଥାଏ । ଅତଏବ ଆମମାନଙ୍କର ଏହି କର୍ତ୍ତବ୍ୟ ଯେ, ଆମେମାନେ ପାପରୁ ବର୍ତ୍ତିବା ପାଇଁ ଏବଂ ନିଜର ପାପକୁ କ୍ଷମା ମାର୍ଜନା କରାଇବା ପାଇଁ ମଧ୍ୟ ଅଲ୍ଲାଃତାଲା ଆଡ଼କୁ ଅଗ୍ରସର ହେବା ଏବଂ ନର୍କରୁ ସୁରକ୍ଷିତ ରହିବା ପାଇଁ ପ୍ରୟାସ କରିବା ଉଚିତ । ଅତଏବ ଅଲ୍ଲାଃତାଲା ଆମମାନଙ୍କୁ ଏହି ପବିତ୍ର ମାସରେ ଏହି ସବୁ ବିଶେଷ କାର୍ଯ୍ୟ ସକାଶେ ଶକ୍ତି ଓ ସହଯୋଗ ପ୍ରଦାନ କରିଛନ୍ତି । ତେଣୁ ଆମମାନଙ୍କର ଏହି କର୍ତ୍ତବ୍ୟ ଯେ, ଆମେମାନେ ଏହି ମାସରୁ ଲାଭାନ୍ୱିତ ହେବା ଉଚିତ ।

କାରଣ ଏହି ମାସ ହେଉଛି ପବିତ୍ର ମାସ ଏବଂ ଏହା ଦୁଆ ଗୃହୀତ ହେବାର ମାସ । ଏହି ମାସର ଶେଷ ଦଶ ଦିନ ହେଉଛି ନର୍କାଗ୍ନୀ ଠାରୁ ରକ୍ଷାକାରୀର ଦିନ । ଆମେମାନେ ନିଜର ସଂପର୍କ ଅଲ୍ଲାଃତାଲାଙ୍କ ସହିତ ସ୍ଥାପନ କରିବା ଉଚିତ୍। ଅଲ୍ଲାଃତାଲାଙ୍କ ସହିତ ଯଦି ଆମର ସଂପର୍କ ଯୋଡ଼ି ହୋଇଗଲା ତାହାହେଲେ ଆମମାନଙ୍କର ଦୁରୁଦ୍ ଏବଂ ଆମର ଇସ୍ତେଗ୍‌ଫାର (କ୍ଷମା ଯାଚନା) ଅଲ୍ଲାଃତାଲାଙ୍କ ପ୍ରସନ୍ନତାକୁ ପ୍ରାପ୍ତ କରିବାରେ ସଫଳ ହେବ । ଯଦ୍ୱାରା ଶତ୍ରୁପକ୍ଷ ସତଚେଷ୍ଟା ସତ୍ତ୍ୱେ ଆମର କୌଣସି କ୍ଷତି ସାଧିତ ହେବ ନାହିଁ କି ଆମର କୌଣସି ଅନିଷ୍ଟ ହେବ ନାହିଁ । ଚଳିତ ରମଜାନ୍ ମାସରେ ବିରୋଧୀଙ୍କର କୋପରୁ ମଧ୍ୟ ସୁରକ୍ଷିତ ରହିବା ପାଇଁ ବହୁତ ଦୁଆ କରନ୍ତୁ । ସେହିପରି ଆଜିକାଲି ଯେଉଁ କରୋନା ଭୂତାଣୁ ରୂପକ ମହାମାରୀ ରୋଗ ବ୍ୟାପିଛି, ତହିଁରୁ ଅଲ୍ଲାଃତାଲା ସମସ୍ତଙ୍କୁ ସୁରକ୍ଷିତ ରଖନ୍ତୁ । ଦୁଆ କରନ୍ତୁ ଯେ, ଅଲ୍ଲାଃତାଲା ଏହି ବିପତ୍ତିରୁ ପୃଥିବୀକୁ ଉଦ୍ଧାର କରନ୍ତୁ ଏବଂ ଆମମାନଙ୍କୁ ସୁରକ୍ଷିତ ରଖନ୍ତୁ । ଅତଏବ ଅଲ୍ଲାଃତାଲା ପ୍ରକୃତ ପକ୍ଷରେ ଆମମାନଙ୍କୁ ଦୁରୁଦ୍ ଶରୀଫ୍ ଏବଂ ଇସ୍ତେଗ୍‌ଫାର୍‌କାରୀ କରି ଦିଅନ୍ତୁ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈ ଓ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ଓମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ଓନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ଓଲ୍ ଇହ୍‌ସାନି ଓଇତାଇଜ଼ିଲ୍ କୁର୍‌ବା ଓୟନ୍‌ହା ଅନିଲ୍ ଫହ୍‌ଶାଇ ଓଲ୍ ମୁନ୍‌କରି ଓଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍।**

......................................

KHULASA KHUTBA JUMA HUZOOR ANWAR a.b.a

30th April. 2021